ପଞ୍ଚରା
ପ୍ରଥମ ବର୍ଷ ।। ପ୍ରଥମ ଅର୍ଘ୍ୟ । ଏପ୍ରିଲ - ସେପ୍ଟେମ୍ବର ୨୦୨୬
Volume No -01 । Issue No - 01 । April - September 2026
ଷାଣ୍ମାସିକ ଓଡ଼ିଆ ଲୋକସାହିତ୍ୟଧର୍ମୀ ଗବେଷଣାତ୍ମକ ପତ୍ରିକା

# ଉତ୍ତର ଓଡ଼ିଶାର ଗୋଣ୍ଡ ଜନଜାତି : ସଂସ୍କୃତି ଓ ପରମ୍ପରା

ଡକ୍ଟର ନମିତା ମହାପାତ୍ର
ଅଧ୍ୟାପିକା , ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟ , ଜଗତସିଂହପୁର
DOI - https://doi.org/10.5281/zenodo.19455960

## ସାରାଂଶ

ଓଡ଼ିଶାରେ ବାସ କରୁଥିବା ଆଦିମ ଅଧିବାସୀମାନେ 'ଆଦିବାସୀ' ରୂପେ ପରିଚିତ । କେବଳ ଓଡ଼ିଶା ନୁହେଁ ଭାରତ ତଥା ଭାରତ ବାହାରେ ମଧ ଆଦିବାସୀ ମାନେ ରହିଛନ୍ତି । ଯେଉଁମାନଙ୍କର ସଭ୍ୟତା ଏବଂ ପରମ୍ପରା ଆର୍ଯ୍ୟ ଗୋଷ୍ଠୀଙ୍କ ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଓଡ଼ିଶାରେ ବିଭିନ୍ନ ପ୍ରକାର ଜନଜାତି ବାସ କରୁଥିଲେ ମଧ ଏମାନଙ୍କ ମଧ୍ୟରେ ସାମାଜିକ ରୀତି, ନୀତି , ଚାଲି ଚଳଣି, ନୃତ୍ୟ ଗୀତ, ପର୍ବପର୍ବାଣି, ପରିଶେଷରେ ଭାଷା ଆଦିରେ ସାମଞ୍ଜସ୍ୟ ଲକ୍ଷ କରାଯାଇଥାଏ । ଓଡ଼ିଶାରେ ବସବାସ କରୁଥିବା ୬୨ ପ୍ରକାରର ଜନଜାତିଙ୍କ ମଧ୍ୟରୁ 'ଗୋଣ୍ଡ' ଜନଜାତିଙ୍କ ଜୀବନଶୈଳୀ ଅନ୍ୟ ଜନଜାତିଙ୍କଠାରେ ଭିନ୍ନତା ଲକ୍ଷ୍ୟ କରାଯାଏ । ଏହି ମର୍ମରେ ଉତ୍ତର ଓଡ଼ିଶାରେ ବାସ କରୁଥିବା ସଂଖ୍ୟା ବହୁଳ ଗୋଣ୍ଡ ଜନଜାତିଙ୍କ ସମାଜ ଓ ସଂସ୍କୃତି ସମ୍ପର୍କରେ ସାଧାରଣ ଆଲୋଚନା କରାଯାଉଛି ।

**ମୂଳଶବ୍ଦ** - ଉତ୍ତର ଓଡ଼ିଶାର ଗୋଣ୍ଡ ଜନଜାତିର ସମାଜ, ସଂସ୍କୃତି, ଅର୍ଥନୀତି, ଭାଷା, ଶିକ୍ଷା ବ୍ୟବସ୍ଥା, ଅନ୍ଧବିଶ୍ୱାସ କୁସଂସ୍କାର, ଲୋକ କାହାଣୀ ଓ ନାଟକ

ପ୍ରାଗ୍-ଐତିହାସିକ ଯୁଗର ଅମା ଅନ୍ଧକାର ସୀମାରେଖା ଡେଇଁ ମଣିଷ ଆଲୋକିତ ପୃଥିବୀରେ କ୍ରମଶଃ ପାଦ ପକାଇଛି । ସଭ୍ୟତା ତା'ର ହାତ କଡେଇ ନେଇଛି । ସଂସ୍କୃତି ସାଜିଛି ତା'ର ଅନ୍ତଃ ପ୍ରେରଣା । ପରମ୍ପରା ଦେଇଛି ତାକୁ ନୂଆ ପରିଚୟ । ଏଇ ଆଦିଭୂମିକୁ ଆପଣେଇ ନେଇଛି ପ୍ରକୃତିର ସନ୍ତାନ ଆଦିମ ଅଧିବାସୀ । ଓଡ଼ିଶାର ବନପର୍ବତ, ନଦନଦୀ ପରିବେଷ୍ଟିତ ବିଶାଳ ପ୍ରକୃତି କୋଳରେ ୬୨ ପ୍ରକାରର ଆଦିବାସୀ ନିଜର ସଭ୍ୟତା ଓ ସଂସ୍କୃତି ମଧ୍ୟରେ ଜୀବନଯାପନ କରି ଆସୁଛନ୍ତି । ଏମିତି ହିଁ ନିଜ ପରମ୍ପରା, ସ୍ମୃତିକୁ ସାଇତି ଆଗକୁ ପାଦ ବଢାଇଛନ୍ତି 'ଗୋଣ୍ଡ ଜନଜାତି' କାହିଁ କେଉଁ ଅନାଦି କାଳରୁ । ୨୦୧୧ ଜନଗଣନା ଅନୁସାରେ ସଂଖ୍ୟା ଗରିଷ୍ଠତା ଦୃଷ୍ଟିରୁ ଏମାନେ ଓଡ଼ିଶାର ଦ୍ୱିତୀୟ ସଂଖ୍ୟାବହୁଳ ଜନଜାତି । ଯେଉଁଠି ଜୀବନ ଜୀଇଁବାର ସଙ୍ଘର୍ଷରେ ପ୍ରତିଦିନ ଲୁପ୍ତ ହୁଏ ସେମାନଙ୍କର ଐତିହ୍ୟ ଓ ପରମ୍ପରା, ପରିବର୍ତ୍ତନ ନାମରେ ଅପହୃତ ହୁଏ ମୌଳିକତା । ହୁଏତ ସମୟ ସ୍ରୋତରେ ଦିନେ ଲିଭି ଯାଇପାରେ ତାଙ୍କର ହଜାର ହଜାର ବର୍ଷର ସ୍ମୃତି ଓ ସାଧନା । ତେଣୁ ସାହିତ୍ୟରେ ଆଦିବାସୀମାନଙ୍କୁ ସ୍ଥାନ ଦେଲେ ଆମ ସଂସ୍କୃତିର କୋଠ ଭଣ୍ଡାର ସମୃଦ୍ଧ ହେବା ସହ ଭାରତୀୟ ଜାତୀୟ ସଂହତିର ମାର୍ଗ ପୁଷ୍ପିତ ହେବ । ଉକ୍ତ ନିବନ୍ଧଟିର ଶୀର୍ଷକ "ଉତ୍ତର ଓଡ଼ିଶାର ଗୋଣ୍ଡ ଜନଜାତିର ସାମାଜିକ ଓ ସଂସ୍କୃତିକ ଜୀବନଧାରା" । ଉତ୍ତର ଓଡ଼ିଶା ଅନ୍ତର୍ଭୁକ୍ତ ଜିଲ୍ଲା ମଧ୍ୟରେ ରହିଛି କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱର । ମାତ୍ର ବାଲେଶ୍ୱର ଜିଲ୍ଲାରେ ଏମାନଙ୍କ ବସତି ଖୁବ୍ କମ୍ ଥିବାରୁ ଏମାନଙ୍କୁ ଗବେଷଣା ପରିସରଭୁକ୍ତ କରାଯାଇ ନାହିଁ । କେବଳ କେନ୍ଦୁଝର ଓ ମୟୂରଭଞ୍ଜ ଅଂଚଳରେ ବାସ କରୁଥିବା ଗୋଣ୍ଡମାନଙ୍କୁ ଜୀବନୀ ସମ୍ପର୍କରେ ଏଠାରେ ସବିଶେଷ ଆଲୋଚନା କରାଯାଇଛି । 'ଗୋଣ୍ଡ' ଶବ୍ଦଟି ଆଂଚଳିକ ଭେଦରେ 'ଗୋଁଣ୍ଡ', 'ଗଣ୍ଡ', 'ଗୋଁଡ', 'ଗୋଣ୍ଡ', ଗଁଣ୍ଡ ବା 'ଗୋଣ୍ଡ' ଭାବେ ଉଚ୍ଚାରଣ କରିଥାନ୍ତି ଏବଂ ଲିଖନ ପ୍ରକ୍ରିୟାରେ ମଧ ବ୍ୟବହାର କରିଥାନ୍ତି ।

ଅନ୍ୟ ଜନଜାତିଙ୍କ ପରି ଗୋଣ୍ଡମାନେ ମଧ ଭାରତର ବିଭିନ୍ନ ପ୍ରାନ୍ତରେ ଥିବା ପାହାଡ ଓ ଜଙ୍ଗଲ ଘେରା ଇଲାକାରେ ଆଧିପତ୍ୟ ବିସ୍ତାର କରିଥିଲେ । ପ୍ରକୃତି ସହିତ ଏମାନଙ୍କ ନିବିଡତା ଖୁବ୍ ଘନିଷ୍ଠ । ଏ ଜାତିର ଇତିହାସ ଯେତେ ବଳିଷ୍ଠ ; ସଂସ୍କୃତି ଓ ପରମ୍ପରା ସେତିକି ବିକଶିତ । ବିଶିଷ୍ଟ ଗବେଷକ ତଥା ଐତିହାସିକ ଦୁର୍ଗା ପ୍ରସାଦଙ୍କ ମତରେ "ଗୋଣ୍ଡୱାନା ସଂସ୍କୃତି ବିଶ୍ୱର ଅନ୍ୟତମ ପ୍ରାଚୀନ ସଂସ୍କୃତି । ଏକ ବିସ୍ତୃତି ଇଲାକାରେ ଏହି ଗୋଣ୍ଡୱାନା ଇଲାକା ଉଭା ହୋଇଥିଲା । ତାହାକୁ ପରେ 'ଗୌଣ୍ଡୱାନା ମହାଦ୍ୱୀପ' କୁହାଗଲା ।" ଆଫ୍ରିକା, ଦକ୍ଷିଣ ଆମେରିକା, ଆଂଟ୍ରାଟିକା, ଅଷ୍ଟ୍ରେଲିଆ ଓ ଭାରତ ଏଇ ଗୋଣ୍ଡୱାନା ମହାଦୀପ ଅନ୍ତର୍ଗତ ଥିଲା । ଆଦିମ ଗୋଣ୍ଡ ଜନଜାତି ଦକ୍ଷିଣରେ ଗୋଦାବରୀ ନଦୀ ଠାରୁ ଉତ୍ତରରେ ବିନ୍ଧ୍ୟାଂଚଳ ଏବଂ ପଶ୍ଚିମରେ ଗଣ୍ଡୁକୀ ନଦୀ ଠାରୁ ପୂର୍ବରେ ସାତପୁରା ପର୍ବତମାଳା ପର୍ଯ୍ୟନ୍ତ ବିସ୍ତୃତ ଅଂଚଳରେ ବସବାସ କରୁଥିଲେ । ସମଗ୍ର ମଧଭାରତରେ ଏମାନେ ମଧଯୁଗରୁ ପ୍ରଭାବ ବିସ୍ତାର କରିଥିବାରୁ ମଧ ଭାରତ ହିଁ 'ଗୋଣ୍ଡୱାନା ଲେଣ୍ଡ' ଭାବରେ ଇତିହାସ ବର୍ଣ୍ଣିତ। ଗୋଣ୍ଡ ଜନଜାତିଙ୍କ ନାମ ଅନୁସାରେ 'ଗୋଣ୍ଡୱାନା' ହୋଇଥିବା ଅଷ୍ଟ୍ରେଲିଆର ବିଶିଷ୍ଟ ଭୂ-ବିଜ୍ଞାନୀ ଡଃ. ଏଡୱାର୍ଡ ସ୍ୱେସ୍ ମତବ୍ୟକ୍ତ କରିଛନ୍ତି । ସେ ବିଶ୍ୱର ଏକ ଗୋଲାର୍ଦ୍ଧକୁ 'ଗୋଣ୍ଡୱାନା' ବୋଲି ସମ୍ବୋଧିତ କରିଛନ୍ତି । ଏହାବ୍ୟତୀତ ଗୋଣ୍ଡ ଜନଜାତିର ଉତ୍ପତି ସମ୍ବନ୍ଧୀୟ ବହୁ ଲୋକମତ ଏବଂ ପୌରାଣିକ ମତ ପ୍ରଚଳିତ ହୋଇ ଆସୁଛି ।

ମଧ୍ୟପ୍ରଦେଶ, ଛତିଶଗଡ, ଗୁଜୁରାଟ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ଉତରପ୍ରଦେଶ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନା ଆଦି ରାଜ୍ୟରେ ଗୋଣ୍ଡ ଜନଜାତି କେଉଁ ଅନାଦି କାଳରୁ ବସବାସ କରି ଆସୁଛନ୍ତି । ପରବର୍ତ୍ତୀ କାଳରେ ଏମାନେ ଓଡ଼ିଶାକୁ ଆଗମନ କରି ଏଠାରେ ନିଜର ବସତି ସ୍ଥାପନ କରିଛନ୍ତି । ଦୁର୍ଭିକ୍ଷ, ବିଦେଶୀ ଆକ୍ରମଣ, ଆବଶ୍ୟକତାର ଅଭାବ,

ଇଂରେଜ ଶାସନ କାଳରେ ପୋଡୁଚାଷ ପ୍ରଥା ସରକାର ବନ୍ଦ କରିବା ଏବଂ ଜଗନ୍ନାଥଙ୍କୁ ଦର୍ଶନ କରିବା ଉଦ୍ଦେଶ୍ୟରେ ଆସି ଏଠାରେ ବସତି ସ୍ଥାପନ କରିବା ଭଳି ବିଭିନ୍ନ କାରଣ ଯୋଗୁଁ ଗୋଣ୍ଡମାନେ ମଧ୍ୟ ଭାରତରୁ ଓଡିଶାକୁ ଆଗମନ କରିଥିଲେ । ସମୟାନୁକ୍ରମେ ଗୋଁଣ୍ଡ ସର୍ଦ୍ଦାର ଓ ଦଳପତିମାନେ ସମ୍ବଲପୁର ବାମରା, ବଣେଇ ଇ ବାଟ ଦେଇ ଓଡ଼ିଶାରେ ପ୍ରବେଶ କରିଥିଲେ । ପ୍ରଥମେ ଓଡ଼ିଶାର ପଶ୍ଚିମାଂଚଳ ତଥା ସୁନ୍ଦରଗଡ, ଦେଓଗଡ, ସମ୍ବଲପୁର, ଝାରସୁଗୁଡା, ବରଗଡ, ବଲାଙ୍ଗିର, ବଉଦ, କଳାହାଣ୍ଡି, କନ୍ଧମାଳ, ନୂଆପଡା ଆଦିରୁ ଆରମ୍ଭ କରେ ପରବର୍ତ୍ତୀ ସମୟରେ ଦକ୍ଷିଣରେ କୋରାପୁଟ, ମାଲକାନାଗିରି, ନବରଙ୍ଗପୁର ଆଦି ଜିଲ୍ଲା ଏବଂ ଉତ୍ତରରେ କେନ୍ଦୁଝର ଓ ମୟୂରଭଞ୍ଜ ପ୍ରଭୃତି ଜିଲ୍ଲାରେ ମାତ୍ରାଧିକ ପରିମାଣରେ ବସତି ସ୍ଥାପନ କରିଛନ୍ତି । ୨୦୧୧ ଜନଗଣନା ଅନୁସାରେ କେନ୍ଦୁଝରରେ ଏମାନଙ୍କର ଜନସଂଖ୍ୟା ୮୦,୬୯୩ ଥିଲା ବେଳେ ମୟୂରଭଞ୍ଜରେ ଏମାନଙ୍କ ଜନସଂଖ୍ୟା ୩୦,୯୯୭ ଥିଲା ।

ପ୍ରଥମେ ଗୋଣ୍ଡ ଜନଜାତି ଗଣଭିତ୍ତିକ ସ୍ୱାୟତ ଶାସନର ପକ୍ଷପାତୀ ଥିଲା । କିନ୍ତୁ ସମୟକ୍ରମେ ଏମାନେ ସାମନ୍ତବାଦୀ ହୋଇଗଲେ। ରାଜଶକ୍ତି ସହିତ ସମ୍ମିଳିତ ତଥା 'କ୍ଷତ୍ରିୟ ରାଜାମାନଙ୍କ ସହ ବୈବାହିକ ସମ୍ପର୍କ ସ୍ଥାପନ କରିବା ପରେ ଏମାନେ 'ରାଜଗୋଣ୍ଡ' ରୂପେ ପରିଚିତ ହେଲେ। ସମୟକ୍ରମେ ରାଜନୀତିକ, ଆର୍ଥିକ ଓ ସାମାଜିକ ପରିସ୍ଥିତି ଅନୁସାରେ ଏମାନେ ବୃତ୍ତି ଅନୁରୂପେ ପରିଚିତ ହେଲେ । ଅର୍ଥାତ୍ ଯିଏ ରାଜପଣ କଲା ସିଏ ରାଜଗୋଣ୍ଡ ଭାବେ ପରିଚିତ ହେଲା ଏବଂ ଯିଏ କୃଷି କିମ୍ବା ଅରଣ୍ୟଜୀବି ହେଲା ସିଏ ମାଡିଆ, ମିରିଆ, ଧରୁଆ, ଜଗତ, ନେଟି, ପୋରଟି ଆଦି ଭାବେ ପରିଚିତ ହେଲା । ଅର୍ଥାତ୍ ଗୋଣ୍ଡ ଜନଜାତିକୁ ମୋଟାମୋଟି ଭାବେ ଦୁଇ ଭାଗରେ ବିଭକ୍ତ କରାଯାଇପାରେ। ଗୋଟିଏ ହେଲା 'ରାଜଗୋଣ୍ଡ' ଅନ୍ୟଟି ହେଲା 'ଧରୁଆ ଗୋଣ୍ଡ' ।

ଉତ୍ତର ଓଡ଼ିଶାର ଗୋଣ୍ଡ ସମ୍ପ୍ରଦାୟ ସମ୍ପର୍କରେ ଉପଲବ୍ଧ ବିଭିନ୍ନ ତଥ୍ୟ, ପ୍ରଚଳିତ କିମ୍ବଦନ୍ତୀ, ଲୋକକଥା, ଲୋକନାଟକ, ଲୋକଗୀତ ତଥା ସେମାନଙ୍କର ଚଳଣୀ ଜୀବନଧାରା ଆଦିକୁ ଅନୁଧ୍ୟାନ କଲେ ସହଜରେ ଜଣାଯାଏ ଯେ, ଏମାନେ ଏକ ଉନ୍ନତ ସଂସ୍କୃତି ସମ୍ପନ୍ନ, କଳାପ୍ରିୟ ଓ କର୍ମଠ ଗୋଷ୍ଠୀ ଅଟନ୍ତି ଏବଂ ଏମାନେ ସତ୍ୟବାଦୀ, ସ୍ୱାଭିମାନୀ ଏବଂ ଗଣଜୀବନରେ ବିଶ୍ୱାସୀ ରଖନ୍ତି । ଅକପଟ ହୃଦୟରେ ଅନ୍ତରର ଭାବ ପ୍ରକାଶ ଏମାନଙ୍କ ଜୀବନର ଅନ୍ୟତମ ମହତ୍ୱ । ପ୍ରକୃତି ପ୍ରେମୀ ଓ ମାତ୍ରାଧିକ ଭାବରେ ଧର୍ମଭୀରୁ ଏ କଥାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ । ବିଭିନ୍ନ ସାମାଜିକ କାର୍ଯ୍ୟକଳାପରୁ ଏମାନଙ୍କ ମଧ୍ୟରେ ଥିବା ସହଯୋଗ ଭାବ, ଭାତୃଭାବ, ସହନଶୀଳତା ଓ ସମ୍ବେଦନଶୀଳତାର ପରିଚୟ ମିଳେ । ଗୋଣ୍ଡ ପଲ୍ଲୀଗୁଡିକ ବଣପାହାଡ ଘେରା ଅଂଚଳ ବା ନଦୀ କୂଳରେ ଦେଖାଯାଏ । ଗାଁ ମଝିରେ ରାସ୍ତା ଓ ଉଭୟ ପାଶ୍ୱର୍ରେ ଘରଗୁଡିକ ଧାଡି ଧାଡି ହୋଇ ଲମ୍ବି ଥାଏ । ଘରର କାନ୍ଥଗୁଡିକୁ ନାନା ରଙ୍ଗିନ ମାଟିରେ ଲିପି ତହିଁରେ ମଣିଷ, ପଶୁ, ପକ୍ଷୀ, ବୃକ୍ଷ-ଲତା, ଫୁଲ-ଫଳ ଆଦିର ମନୋରମ ଚିତ୍ର ଅଙ୍କନ କରିଥାନ୍ତି । ଗୃହଗୁଡିକ ଚତୁଃପାଶ୍ୱର୍ରୁ ବର୍ଗାକାର ଆକୃତିରେ ବେଢାଇ ତିଆରି କରିଥାନ୍ତି ଏବଂ ମଝିରେ ଅଗଣା ଥାଏ । ଘରକାନ୍ଥକୁ ଲଗାଇ ବାରଣ୍ଡା ମାନ ରହିଥାଏ । ରୋଷେଇ ଏବଂ ଗୃହପାଳିତ ପଶୁପକ୍ଷୀଙ୍କ ପାଇଁ ସ୍ୱତନ୍ତ୍ର ଗୃହ ନିର୍ମିତ ହୋଇଥାଏ । ଏମାନଙ୍କର ସ୍ୱତନ୍ତ୍ର କୌଣସି ପାରମ୍ପରିକ ବସ୍ତ୍ର ନାହିଁ । ମାତ୍ର ସ୍ତ୍ରୀମାନେ ଭାରି ଅଳଙ୍କାର ପ୍ରେମୀ । ଅଳଙ୍କାରଗୁଡିକ ସାଧାରଣତଃ ରୂପା, ତମ୍ବା କିମ୍ବା ଲୁହାରେ ନିର୍ମିତ ହୋଇଥାଏ । ଆର୍ଥିକ ସ୍ୱଚ୍ଛଳ ଥିଲା ସ୍ତ୍ରୀମାନେ ସୁନା ଅଳଙ୍କାର ବ୍ୟବହାର କରନ୍ତି। ନାକରେ ନୋଥ, ମୁଣ୍ଡରେ ଝେଲା, ବେକରେ କଳା ସୂତାରେ ରୂପା ଟଙ୍କା ଗୁନ୍ଥା ହୋଇଥିବା ମାଳି, ବାହୁରେ ବାଲା, ଗୋଡ ଓ ହାତ ଆଙ୍ଗୁଠିରେ ମୁଦି ଆଦିର ବ୍ୟବହାର କରନ୍ତି । ରମଣୀମାନେ ଅଧିକ ସୁନ୍ଦର ଦେଖାଯିବା ପାଇଁ ଚିତା କୁଟାଇଥାନ୍ତି ଦେହରେ । ଭାତ ତାଙ୍କର ପ୍ରଧାନ ଖାଦ୍ୟ । ଏଥିସହ ଜଙ୍ଗଲଜାତ ବିଭିନ୍ନ ଫଳ, ଫୁଲ, ଶାଗ ଆଦିକୁ ସଂଗ୍ରହ କରି ଖାଆନ୍ତି । ଜଙ୍ଗଲରୁ ପଶୁପକ୍ଷୀ ଶିକାର କରି ଖାଇବା ସହ ନଦୀରୁ ମାଛ, ଗୃହପାଳିତ ପଶୁ ପକ୍ଷୀଙ୍କୁ ମଧ୍ୟ ଖାଦ୍ୟ ରୂପେ ଗ୍ରହଣ କରିଥାନ୍ତି । ପାନୀୟ ଜଳ ପାଇଁ ନଦୀ, ଝରଣା, ଚୁଆ, କୂଅ ଆଦି ଉପରେ ନିର୍ଭରଶୀଳ । ଏମାନେ ସ୍ୱାସ୍ଥ୍ୟପ୍ରଦ ଜୀବନଯାପନରେ ଆଗ୍ରହୀ । ଘର ଚାରିପାଖ ସଫା ରଖିବା ସହ ନିଜେ ମଧ୍ୟ ସଫା ସୁତୁରା ହୋଇ ରହିବାକୁ ପସନ୍ଦ କରନ୍ତି । ଦେହ ଅସୁସ୍ଥ ହେଲେ କିମ୍ବା କୌଣସି ରୋଗରେ ଆକ୍ରାନ୍ତ ହେଲେ ଚେରମୂଳି ଔଷଧ ବ୍ୟବହାର କରିଥାନ୍ତି ଏବଂ ଝଡାଫୁଙ୍କା ଗୁଣିଗାରେଡି ଆଦିରେ ମଧ୍ୟ ବିଶ୍ୱାସ ରଖନ୍ତି ।

ଗୋଣ୍ଡ ସମ୍ପ୍ରଦାୟର ବଂଶର ଉତ୍ପତ୍ତି ଓ ବିସ୍ତାର ସମ୍ବନ୍ଧରେ ସବିଶେଷ ଆଲୋଚନା 'ଗୋଣ୍ଡକି ପୁରାଣ'ରେ ଲିପିବଦ୍ଧ (ଗୋଣ୍ଡୁକି ପୁରାଣ ଏବଂ ପ୍ରାଚୀନ ଧର୍ମଗ୍ରନ୍ଥ ତାଳପତ୍ର ପୋଥିରେ କରଣୀ ଦ୍ୱାରା ଲିଖିତ ଏହି ଧର୍ମଗ୍ରନ୍ଥକୁ ଗୋଣ୍ଡ ସମ୍ପ୍ରଦାୟର ଲୋକେ ପୂଜା କରନ୍ତି ।) ଗୋଣ୍ଡି ପୁରାଣ ଅନୁସାରେ ଗୋଣ୍ଡମାନଙ୍କର ଆଦ୍ୟ 'ଧର୍ମଗୁରୁ' 'ପାହାଡ ପାରିକୁ ପାରୋ ଲିଙ୍ଗୋ' । ସେ ଗୋଣ୍ଡି ଧର୍ମ ଦର୍ଶନରେ ପରିଚାଳନା ଭାର ନେଇଥିଲେ । ତା'ପରେ ଗୁରୁ ଭାବରେ 'ରାୟଲିଙ୍ଗୋ' ଦାୟିତ୍ୱ ବହନ କରିଥିଲେ । ରାୟଲିଙ୍ଗୋ ଅନୁଭବ କରିଥିଲେ ଯେ ଗୋଣ୍ଡ ସମାଜରେ ଯେଉଁ ଧର୍ମ ପ୍ରଚଳିତ ଅଛି ତାହା ଖୁବ୍ ଜଟିଳ । ବାରଟି ସାଗା (ବଂଶ) ସହ ୭୫୦ଟି ଗୋତ୍ର ଗୋଣ୍ଡ ସମାଜରେ ପ୍ରଚଳିତ ଥିଲା । ତା' ସହିତ ପ୍ରତିଟି ଗୋତ୍ର ସହ ପଶୁ, ପକ୍ଷୀ, ବୃକ୍ଷଲତା ନାମ ଗୋଣ୍ଡି ଭାଷାରେ ଜଡିତ ଥିଲା । ସେସବୁ ମନେ ରଖି ପୂଜା ଆରାଧନା କରିବା କଷ୍ଟକର ହୋଇ ପଡୁଥିଲା । ତେଣୁ ସମାଜର ସମସ୍ୟା ବୁଝି ପାରି ସଂସ୍କାର ଆଣିବା ପାଇଁ ସେ ସ୍ଥିର କଲେ ଏବଂ ୧୨ଟି ସାଗାକୁ ୭ଟି ସାଗାରେ ସୀମିତ ରଖିଲେ। ତାହାକୁ କୁହାଗଲା 'ଷୋଡବଂଶୀ ଗୋଣ୍ଡ' । ଏମାନଙ୍କ ବଂଶର ପରିଚୟ 'ଦେଓ' ବା 'ଦିଆ' ସଙ୍କେତ ଦ୍ୱାରା ଚିହ୍ନିତ କରାଯାଇଥାଏ। ପୂର୍ବରୁ ୧ ଦିଆରୁ ୧୨ ଦିଆ ପର୍ଯ୍ୟନ୍ତ ଥିଲା ମାତ୍ର ଏବେ ୩ ଦିଆରୁ ୭ ଦିଆ ପର୍ଯ୍ୟନ୍ତ ଅଛନ୍ତି । ପ୍ରତି ଦିଆ ବା ବର୍ଗରେ ଜଣେ ଜଣେ ପରଘନିଆ ଥାଆନ୍ତି। ଏମାନେ ଗୋଣ୍ଡ ମିଥ୍ ଓ ପୁରାଣପାଠ କରନ୍ତି । ଗୋତ୍ର ପରମ୍ପରା ଗୋଣ୍ଡ ଜନଜାତି ସଙ୍ଗଠନର ଏକ ବିସ୍ତୃତ ରୂପ ଅଟେ । ଗୋତ୍ର ବର୍ଗ ସମାଜ ସମୂହର ସମ୍ପର୍କ ସେତୁ ହୋଇଥିବାରୁ ଗୋତ୍ରକୁ ଆଧାର କରି ବଂଶାନୁକ୍ରମିକ ସମୂହ ଗଠନ ହୋଇଥାଏ । ସାମାଜିକ କାର୍ଯ୍ୟ, ଦୁଃଖ ସୁଖରେ ସହଭାଗିତା, ପାରମ୍ପରିକ ବିନିମୟ ଆଦି ବହୁବିଧ କାର୍ଯ୍ୟ ଗୋତ୍ର ପ୍ରଥା ଦ୍ୱାରା ସଫଳ ଭାବରେ ରୂପାୟିତ ହେଉଥିବାର ଦେଖିବାକୁ ମିଳେ ।

ପିଲା ଜନ୍ମ ଠାରୁ ଆରମ୍ଭ କରି ବ୍ୟକ୍ତିର ଅନ୍ତିମ ସଂସ୍କାର ପର୍ଯ୍ୟନ୍ତ ବିଭିନ୍ନ ପାରମ୍ପରିକ ରୀତିନୀତି ଏମାନଙ୍କ ସମାଜରେ ପାଳିତ । ପିଲା ଯିଏ ଜନ୍ମ ହେଲେ ଷଷ୍ଠି, ଉଠିଆରୀ ଓ ଏକୋଇଶିଆ ପାଳନ କରାଯାଏ। କନ୍ୟା ସନ୍ତାନ ହେଲେ ଏମାନେ ଅଧିକ ଖୁସି ହୋଇଥାନ୍ତି । କାରଣ ପୁତ୍ର ସନ୍ତାନ ହେଲେ ଘରଦ୍ୱାର ଜମିବାଡି ପାଇଁ ଚିନ୍ତା ବଢି ଯାଇଥାଏ। ପୁତ୍ର କିମ୍ବା କନ୍ୟା ବିବାହ ଯୋଗ୍ୟ ହେଲେ ତାଙ୍କୁ ବିବାହ କରାଯାଏ। ଏମାନଙ୍କ ସମ୍ପ୍ରଦାୟରେ ସମଗୋତ୍ରୀ ବିବାହ ନିଷେଧ ।

ସମଗୋତ୍ରୀଙ୍କୁ ସମାଜ ଭାଇଭଉଣୀ ଭାବେ ଗ୍ରହଣ କରେ । ତେଣୁ ଭିନ୍ନ ଭିନ୍ନ ଗୋତ୍ର ବା ଦେଓ ମଧ୍ୟରେ ବୈବାହିକ ସମ୍ପର୍କ ସ୍ଥାପିତ ହୋଇଥାଏ। ସ୍ଥାନେ ସ୍ଥାନେ ବିବାହରେ ପାରମ୍ପରିକ ବାଦ୍ୟ ବାଜିବା ସହ ନୃତ୍ୟଗୀତର ଆସର ଜମେ ଯେଉଁଠାରେ ଉଭୟ ନାରୀ ଓ ପୁରୁଷ ଏକତ୍ର ନୃତ୍ୟ କରନ୍ତି । ଗୋଣ୍ଡ ସମ୍ପ୍ରଦାୟରେ ଯୌତୁକ ପ୍ରଥା ଆଦୌ ନାହିଁ । ବରଂ କନ୍ୟାସୁନା ବା ପଣ ପ୍ରଥା ପ୍ରଚଳିତ । ପଣ ବାବଦକୁ ମାତ୍ର ଚାରି ଟଙ୍କା ନିର୍ବନ୍ଧ ସମୟରେ ଦିଆଯାଇଥାଏ । ବିବାହ ସମୟରେ ବିଭିନ୍ନ ପାରମ୍ପରିକ ରୀତିନୀତି ଯଥା - ଚୂଡାପନଙ୍ଗା, ବୋହୂଆବୋର, ବରଦେଖା ପାଟପିନ୍ଧାଣୀ, ଗୁଆଭଙ୍ଗା, ପତ୍ର ଅନୁକୂଳ, କୋଇଲିବୁଡ, ପାଣିସଂଗ୍ରହ, ମଙ୍ଗନ, କୋଇଲିବୁଡ, ଭୋଜି, ନାଣ୍ଡିମୁଖୀ ଶ୍ରାଦ୍ଧ, କଉଡି ଖେଳ, ଚଉଠି ବାହାଘର ଆଦି ରହିଛି। ବିବାହ ପରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମନମାଳିନ୍ୟ ଦେଖାଗଲେ ସେମାନେ ଛାଡପତ୍ର ଦେଇ ଅନ୍ୟତ୍ର ବିବାହ ମଧ୍ୟ କରିଥାନ୍ତି । ଏଥିସହ



ଗୋଣ୍ଡ ଜନଜାତିର ଆରାଧ୍ୟ 'ବଡାଦେଓ'

ଅନ୍ତଃଜାତି ବିବାହ, ବିଧବା ବିବାହ, ମାମୁଝିଅ ବିବାହ ଆଦି ସହ ସମ୍ପୃକ୍ତ ନୀତିନିୟମକୁ ମାନି ଏମାନେ ପରିଚାଳିତ। ମୃତ୍ୟୁ ସଂସ୍କାର ସହ ଜଡିତ ବିଭିନ୍ନ ନୀତି ଯଥା - ତେଲକାମ, ଦଶାହ, ଏକାଦଶାହ ଆଦି ପ୍ରଚଳିତ। ମୃତ ବ୍ୟକ୍ତିଙ୍କୁ ପୋଡିବା ବ୍ୟବସ୍ଥା ଏମାନଙ୍କ ସମାଜରେ ନାହିଁ । ବରଂ ମାଟି ଉପରେ ଶବର ମୁଣ୍ଡକୁ ଉତ୍ତର ଦିଗକୁ ରଖାଯାଇ ଶବ ଉପରେ ଚାରି ପାଂଚଟି ବଡ ବଡ କାଠ ବିଛାଇ ଦେଇ ତା' ଉପରେ ମାଟି ଦେଇ ପୋତି ଦିଅନ୍ତି। ଏହାବ୍ୟତୀତ ମାଛିଆ ପାତକ (ଗୋଡ ହାତରେ ଘା' ହୋଇ ପୋକ ଲାଗିବା), ଗୋହତ୍ୟା ହେଲେ ମଧ୍ୟ ଶୁଦ୍ଧି ହୋଇଥାନ୍ତି ।

ସାଂସ୍କୃତିକ ଜୀବନର ଅନ୍ୟ ଏକ ବଳିଷ୍ଠ ଉପାଦାନ ହେଲା ଦିଅଁଦେବତା । ଏମାନେ ସାଧାରଣତଃ ପ୍ରକୃତି ପୂଜାରୀ । ପ୍ରାରମ୍ଭିକ ପର୍ଯ୍ୟାୟରେ ଏମାନେ ମାଟି, ଆକାଶ, ଜଳ, ବାୟୁ, ଅଗ୍ନି, ପାହାଡ଼, ନଦୀ, ବୃକ୍ଷ ଓ ଜୀବଜନ୍ତୁଙ୍କୁ ପୂଜା କରୁଥିଲେ ମାତ୍ର ପରବର୍ତ୍ତୀ ସମୟରେ ଗୃହ ରକ୍ଷା ନିମନ୍ତେ ଗୃହ ଦେବତା, ଗ୍ରାମରକ୍ଷା ନିମନ୍ତେ ଗ୍ରାମ ଦେବତା, ଗଡରକ୍ଷା ନିମନ୍ତେ ଗଡଦେବତା ତଥା ରାଷ୍ଟ୍ର ରକ୍ଷା ନିମନ୍ତେ ରାଷ୍ଟ୍ରଦେବତା ସ୍ଥାପନର ପରମ୍ପରା ଦେଖିବାକୁ ମିଳେ । ଗୋଷ୍ଠୀଭିତ୍ତିକ ଭାବେ ପୂଜା ପାଉଥିବା ଦେବାଦେବୀମାନଙ୍କ ମଧ୍ୟରେ ଅଛନ୍ତି ବଡଦେଓ, ଜଙ୍ଗାଦେଓ, ଲିଙ୍ଗାଦେଓ, ଫଡାପେନ, ମା କାଳୀ କଙ୍କାଳୀ ଏବଂ ଗୌରୀମାତା । ଏହି ଦେବାଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏକ ଉତ୍ତମ ଶସ୍ୟ ଲାଭ କରିବା ପାଇଁ ବର୍ଷର ବିଭିନ୍ନ ସମୟରେ ବିଭିନ୍ନ ପର୍ବପର୍ବାଣି ପାଳନ କରିଥାନ୍ତି। ସେଥିମଧ୍ୟରେ ରହିଛି ମାଘପୋଡି, ଶରଣପଶା, ଫୁଲଭାଗଣି, ଅକ୍ଷୟ ତୃତୀୟା, ଅଷାଳି ପୂଜା, ନୂଆଖାଇ, ଚଳେଇଗୁଡି, ମକର ପୁନେଇ, ପୁଷ ପୂଜା, ଦାରୁପୂଜା, ଦଙ୍ଗାଲିଙ୍ଗା ବଡଦେଓ ପୂଜା, ଦଶନ୍ତ ପୂଜା, ଖଣ୍ଡାପୂଜା, ଗୌରୀ ଓଷା, କାର୍ତ୍ତିକଙ୍କ ଲକ୍ଷ୍ମୀପୂଜା, ଶିବରାତ୍ରୀ, ଗଣେଶ ପୂଜା ଆଦି । ଏମାନଙ୍କ ସମାଜରେ ବ୍ରାହ୍ମଣମାନଙ୍କ ଦ୍ୱାରା କୌଣସି ପୂଜା ପାଠ ହୋଇ ନଥାଏ । ଗ୍ରାମବାସୀଙ୍କ ମିଳିତ ବିଚାରରେ ଗ୍ରାମର ଏକ ସ୍ୱତନ୍ତ୍ର ବ୍ୟକ୍ତିକୁ ଦେହୁରୀ ଭାବେ ନିର୍ବାଚନ କରାଯାଏ । ସେ ହିଁ ଗ୍ରାମର ସମସ୍ତ ପୂଜା ପାଠ କରନ୍ତି । ଧବଳ ବସ୍ତ୍ର ପରିଧାନ କରି ପୂଜା କରନ୍ତି । ଅଧିକାଂଶ ପୂଜାରେ ପଶୁପକ୍ଷୀ ବଳି ଦେବା ବ୍ୟବସ୍ଥା ପ୍ରଚଳିତ ।

କୃଷି, ଶିକାର ଏବଂ ଅରଣ୍ୟ ସମ୍ପଦ ଉପରେ ନିର୍ଭର କରି ଏମାନଙ୍କର ଅର୍ଥନୀତିକ ଜୀବନ ପରିଚାଳିତ ହେଉଥିଲେ ହେଁ ସମ୍ପ୍ରତି ଏମାନେ ଶାରୀରିକ ଶ୍ରମ କରି ବିଭିନ୍ନ ସରକାରୀ ବେସରକାରୀ କାର୍ଯ୍ୟରେ ନିୟୋଜିତ ହୋଇ ପରିବାର ପ୍ରତିପୋଷଣ କରିବା ସହ ଦେଶର ଅର୍ଥନୀତିକୁ ସୁଦୃଢ କରିବାରେ ସହାୟକ ହୋଇଛନ୍ତି । ରାଜନୀତିକ ଜୀବନ କଥା ବିଚାର କଲେ ଲକ୍ଷ୍ୟ କରାଯାଏ ଯେ; ଏମାନେ ଯେହେତୁ ସଙ୍ଘବଦ୍ଧ ଭାବେ ଜୀବନଯାପନ କରନ୍ତି ତେଣୁ ତାଙ୍କ ସମାଜରେ କୌଣସି ପ୍ରକାର ଅସୁବିଧା ବା ସମସ୍ୟା ଦେଖା ଦେଲେ ସେମାନେ ତାଙ୍କ ଦ୍ୱାରା ଗଠିତ ଜାତି ପଂଚାୟତ ତଥା ଗ୍ରାମମୁଖିଆ ଏବଂ ଆଉ ପାଂଚଜଣ ଅଭିଜ୍ଞ ବିଚାରଶୀଳ ବ୍ୟକ୍ତି ଯେଉଁ ସମାଧାନ କରନ୍ତି ବା ନିଷ୍ପତି ନିଅନ୍ତି ତାକୁ ସମସ୍ତେ ମାନି ଚଳନ୍ତି । ସ୍ଥଳବିଶେଷରେ ବ୍ୟକ୍ତିକୁ ଦଣ୍ଡ ଦିଆଯାଉଥିବା ବେଳେ କିଛି କିଛି ବ୍ୟକ୍ତିକୁ ଦଣ୍ଡ ସ୍ୱରୂପ ଜୋରିମାନା ଦେବାକୁ ହୁଏ ଏବଂ ବାସନ୍ଦ ହୋଇ ରହିବାକୁ ହୋଇଥାଏ । ବାସନ୍ଦ ବ୍ୟକ୍ତିଟି ସମାଜର ସବୁ ସୁବିଧାରୁ ବଂଚିତ ହୋଇଥାଏ । ବାଛନ୍ଦ ହୋଇ ରହିବା, ମୃତ୍ୟୁ ଠାରୁ ମଧ୍ୟ ଅଧିକ ଯନ୍ତ୍ରଣାଦାୟକ । ତେଣୁ ଏମାନେ ଅତ୍ୟନ୍ତ ଶୃଙ୍ଖଳିତ ଜୀବନଯାପନ କରନ୍ତି । ଏମାନଙ୍କ ସମାଜରେ କଦବା କ୍ୱଚିତ ଥାନା, କୋର୍ଟ, କଚେରୀ ଯିବାର ଦେଖାଯାଏ । ଅନେକ ସମସ୍ୟା ସେମାନେ ଗାଁରେ ହିଁ ବିଚାର କରି ସମାଧାନ କରନ୍ତି । ଏହାବ୍ୟତୀତ ଏମାନଙ୍କର ଏକ 'ଅଖିଳ ଭାରତୀୟ ଗୋଣ୍ଡୱାନ ଗୋଣ୍ଡ ମହାସଭା' ନାମକ ଏକ ସଭା ଏବଂ ସ୍ୱତନ୍ତ୍ର ସମ୍ବିଧାନ ମଧ୍ୟ ଗଠନ କରିଛନ୍ତି । ଯେଉଁଥିରେ ସେମାନଙ୍କ ଜାତି ସମ୍ପର୍କିତ ନୀତିନିୟମ ଲିପିବଦ୍ଧ । ଏହି ସଭା ବିଭିନ୍ନ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ ଗ୍ରାମ, ବ୍ଲକ୍ ଓ ଜିଲ୍ଲା ସ୍ତରରେ ନାନା ଉନ୍ନତିମୂଳକ କାର୍ଯ୍ୟ କରି ଆସୁଛି ।

ଅନ୍ୟ ଆଦିବାସୀଙ୍କ ପରି ଗୋଣ୍ଡ ଜନଜାତିଙ୍କ ଠାରେ ମଧ୍ୟ ଅନ୍ଧବିଶ୍ୱାସ ଓ କୁସଂସ୍କାର ଭରି ରହିଛି । ତାକୁ ଦୂର କରିବାର ଆବଶ୍ୟକତା ରହିଛି । ଏହାବ୍ୟତୀତ ଶିକ୍ଷା କ୍ଷେତ୍ରରେ ପୂର୍ବରୁ ଅନଗ୍ରସର ଥିଲେ ମାତ୍ର ବର୍ତ୍ତମାନ ଉନ୍ନତି ଆଡକୁ ଧିରେ ଧିରେ ଗତି କରୁଛନ୍ତି । ନାରୀ ଜାତିକୁ ଏମାନେ ସମ୍ମାନ ଓ ଆଦର କରନ୍ତି । ଗୋଣ୍ଡ ସମାଜରେ ନାରୀଟିଏ ପୁରୁଷ ଠାରୁ ଅଧିକ କାର୍ଯ୍ୟ କରିଥାଏ। ତେଣୁ ନାରୀମାନଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସ୍ୱାଧୀନତା ମିଳିଛି, ଏହା ଏମାନଙ୍କ ସମାଜର ଏକ ବିଶେଷତ୍ୱ। ଜାତିଗତ ପବିତ୍ରତା ରକ୍ଷା କରିବା ଗୋଣ୍ଡମାନଙ୍କର ପ୍ରଥମ କର୍ତ୍ତବ୍ୟ, ଏହି ଦୃଷ୍ଟିରୁ ସେମାନେ ସ୍ୱତନ୍ତ୍ର ବା ମୌଳିକ । ଉତ୍ତର ଓଡିଶାର କୌଣସି ଗୋଣ୍ଡ ଲୋକ ଖ୍ରୀଷ୍ଟ ଧର୍ମରେ ଦୀକ୍ଷିତ ହେବା ଏବେ ସୁଦ୍ଧା ଦେଖାଯାଇ ନାହିଁ । ସାମାଜିକ ଶୃଙ୍ଖଳା ଦଣ୍ଡ ଉପରେ ନୀତିହୀନ ବେନିୟମ କାର୍ଯ୍ୟ କରିବାକୁ ସାଧାରଣତଃ କେହି ସାହାସ କରି ନଥାନ୍ତି । ଫଳତଃ ଏ ସମାଜ ମଧ୍ୟରେ ଶାନ୍ତି ଶୃଙ୍ଖଳା ଏଯାବତ୍ ତିଷ୍ଠି ରହିଥିବାର ଦେଖାଯାଏ ।

ଗୋଣ୍ଡ ସମ୍ପ୍ରଦାୟରେ ପ୍ରଚଳିତ ଭାଷାକୁ 'ଗୋଣ୍ଡି ଭାଷା' କୁହାଯାଏ । ଏହା ଦ୍ରାବିଡ ପରିବାରର ଅନ୍ୟତମ ମୁଖ୍ୟ

ଭାଷା। ଏଥିରେ ତେଲୁଗୁ ଭାଷାର ପ୍ରଭାବ ବେଶି । ଆଉ ଟିକେ ନିରୀକ୍ଷଣ କଲେ ଜଣାଯାଏ ଏଥିରେ ହିନ୍ଦୀ, ସଂସ୍କୃତ, ଯାବନିକ ଓ ପର୍ତ୍ତୁଗୀଜ ଭାଷାର ପ୍ରଭାବ କିଛି ମାତ୍ରାରେ ରହିଛି । ତେବେ ସଭ୍ୟତାର ମୁଖ୍ୟ ସ୍ରୋତରେ ସାମିଲ ହୋଇଥିବା ଉତର ଓଡିଶାର ଗୋଣ୍ଡମାନଙ୍କ ଠାରେ ଗୋଣ୍ଡି ଭାଷାର ପ୍ରଚଳନ ନାହିଁ । ଏମାନେ ଆଂଚଳିକ ଓଡିଆ ଭାଷାରେ କଥାବାର୍ତ୍ତା କରନ୍ତି । ଯାହାକି ଉତ୍ତରାଂଚଳୀୟ ଓଡିଆ ଭାଷା ରୂପେ ପରିଚିତ । ଓଡ଼ିଶାର ଉତ୍ତରାଂଚଳ ସହିତ ପଡୋଶୀ ବଙ୍ଗ ଭାଷାର 'ବଙ୍ଗଳା'ର ପ୍ରତ୍ୟକ୍ଷ ସମ୍ପର୍କ ରହିଥିବାରୁ ଏମାନଙ୍କ ଭାଷାରେ ବଙ୍ଗଳା ଭାଷାର ପ୍ରଭାବ ଖୁବ୍ ବେଶୀ ଦେଖାଯାଏ । ଗୋଣ୍ଡି ଭାଷାର ପ୍ରଚଳନ କେବଳ କଳାହାଣ୍ଡି, ନବରଙ୍ଗପୁର ଜିଲ୍ଲାର ରାଇଘର, କୋରାପୁଟ ଜିଲ୍ଲାର କିଛି ଅଂଚଳରେ ପ୍ରଚଳିତ । ଏହାବ୍ୟତୀତ ଓଡ଼ିଶାର କୌଣସି ସ୍ଥାନରେ ଗୋଣ୍ଡି ଭାଷାର ପ୍ରଚଳନ ନାହିଁ । ଉତ୍ତରାଂଚଳୀୟ ଓଡିଆ ଭାଷା।ରେ 'ଓ'ର ବ୍ୟବହାର ନାହିଁ । 'ହୋ' ଏବଂ 'ଲୋ'ର ସମ୍ବୋଧନ ବାଚକ ଶବ୍ଦକୁ ଛାଡି ଦେଲେ ଅନ୍ୟକୌଣସି ଶବ୍ଦର ଶେଷରେ 'ଓ' ଉଚ୍ଚାରଣ ଶୁଣିବାକୁ ମିଳେ ନାହିଁ ।

ଗୋଣ୍ଡ ଜନଜାତି ସାହିତ୍ୟର ବୈଚିତ୍ର୍ୟ ହେଉଛି ତାହାର ମୌଖିକ ପରମ୍ପରା । ଏହି ମୌଖିକ ପରମ୍ପରା ପ୍ରାଚୀନ କାଳରେ ସାମ୍ପ୍ରତିକ କାଳ ପର୍ଯ୍ୟନ୍ତ ପ୍ରଲମ୍ବିତ । ରହସ୍ୟମୟ ନୀରବତାର ଭାଷା, ଶବ୍ଦମୟ ପବିତ୍ର ଗୀତ ସବୁ ପୁରାଣ କଳ୍ପରେ କଥା କହେ। ପାରମ୍ପରିକ ସମୂହ ଚେତନାର ଏହା ଏକ ସଫଳ ରୂପାୟନ। ଏମାନଙ୍କ ପୌରାଣିକ ଚେତନାରେ ଅଛି ଅନେକ ପ୍ରତୀକ; ଯେମିତି ଦାରୁଦେବଙ୍କ ଠାରୁ ଆରମ୍ଭ କରି ବୃକ୍ଷଲତା, ବଣପାହାଡ, ଝରଣା-ନଦୀ, କୀଟପତଙ୍ଗ ସବୁଥିରେ ସମାହିତ ଏବଂ ଅନେକ ସମୟରେ ତାହା ସମାଚୀନ । ଦୃଶ୍ୟମାନେ ଜଗତର ଅଦୃଶ୍ୟ ଅନୁଭବ ସବୁ ହିଁ ପୁରାଣ କଳ୍ପରେ ସଂଗୋପିତ । ଲୋକଗୀତ ଗୁଡିକ ଶୁଣାଏ ବାସ୍ତବ ଜୀବନର ପରିଧିରୁ ମୃତ୍ୟ ପର୍ଯ୍ୟନ୍ତ ଆତ୍ମାର ଅନୁରଣତା। କେବଳ ଗୀତ ନୁହେଁ, ଗୀତ ସହିତ ଥାଏ ବାଦ୍ୟ ଓ ନୃତ୍ୟର ସମାହାର। ସକାଳ ଠାରୁ ସଞ୍ଜ, ଚଇତି ଠାରୁ ମାଘ ସାମାଜିକ ଚଳଣୀ ସଙ୍ଗେ ସର୍ଜନଶୀଳ ମନର ପ୍ରକାଶ ସବୁ ଥାଏ ଏମାନଙ୍କ ଲୋକଗୀତଗୁଡିକରେ । ସମାଜରେ ପ୍ରଚଳିତ ଲେକୋକ୍ତି, ପ୍ରବଚନ, ନାଁ ଦିଆ ଆଦି ଲୋକଜୀବନର ବିପୁଳ ଅଭିଜ୍ଞତା ଓ ଅନୁଭୂତିର ଫଳଶ୍ରୁତି। ଅନେକ ସମୟରେ ଏହି ଲୋକୋକ୍ତିଗୁଡିକ ବିଭିନ୍ନ ସମସ୍ୟାର ସମାଧାନରେ ସହାୟକ ହୋଇଥାଏ। ସେମାନଙ୍କ କାହାଣୀଗୁଡିକ କାଳ୍ପନିକ ବାସ୍ତବତାର ପ୍ରତିନିଧିତ୍ୱ କରେ । ଗଳ୍ପଗୁଡିକ ମନୋରଞ୍ଜାକ ହେଲେ ହେଁ ନୀତିଶିକ୍ଷା ପ୍ରଦାନରେ ଏସବୁର ଗୁରୁତ୍ୱ କମ୍ ନୁହେଁ । ଏମାନଙ୍କ ସମାଜରେ ପ୍ରଚଳିତ ନାଟକ ମଧ୍ୟରେ ରହିଛି ତେମସା ନୃତ୍ୟ, ପୁଷପରବ ନୃତ୍ୟ, ଶିକାର ନୃତ୍ୟ, ଛଟକୀ ନାଚ, ଛକୁଲା ନାଚ ଏବଂ ଘୁମୁରା ନାଟ । ଏହ ନାଟକଗୁଡିକ ଜୀବନକୁ ଅଧିକ ଆନନ୍ଦ ପ୍ରଦାନ କରିବା ସହ ଏକତା ସୂତ୍ରରେ ଆବଦ୍ଧ କରି ରଖିବାର ଏକ ବଳିଷ୍ଠ ମାଧ୍ୟମ। ଏହା ଗ୍ରାମୀଣ ଲୋକ ସମାଜ ମଧ୍ୟରେ ସଂହତି, ଭକ୍ତି, ଆଧ୍ୟାତ୍ମିକତା ଚେତନା, ଦେଶପ୍ରୀତି ଇତ୍ୟାଦି ଆଦର୍ଶମୂଳକ ଶିକ୍ଷା ଦେବାରେ ସହାୟକ ହୋଇଥାଏ । କିନ୍ତୁ ଦୁଃଖର ବିଷୟ ଏହି ଶକ୍ତିଶାଳୀ ଗଣମାଧ୍ୟମଟି କ୍ରମେ ଅବକ୍ଷୟ ଆଡକୁ ଗତି କରିଛି । ବୋଧହୁଏ ଆଧୁନିକ ସିନେମା, ଟି.ଭି. ଅପେରା, ଇଂଟରନେଟ ଆଦିର ବହୁଳ ବ୍ୟବହାର ଦ୍ୱାରା। ମାତ୍ର ତାର ଆକର୍ଷଣ ଓ ଆବେଦନ ଏବେ ବି ସାମାଜିକ ଜୀବନକୁ ଆଚ୍ଛନ୍ନ କରି ରଖିଛି । ସେଥିପାଇଁ ଅତୀତ ହୋଇ ବି ଲୋକନାଟ୍ୟ ଆମ ପାଖରେ ଚିର ବର୍ତ୍ତମାନ ମୃତ ହୋଇ ମଧ୍ୟ ଜୀବନ୍ତ ଓ ସତେଜ । କଳା, ସାହିତ୍ୟ ଓ ନୃତ୍ୟ ଗୀତରେ ନିହିତ ଚେତନା ପ୍ରତିନିୟତ ଗୋଣ୍ଡ ଜନଜାତିକୁ ତାର ପ୍ରକୃତି ଓ ସଂସ୍କୃତି ସହ ଏବେ ମଧ୍ୟ ଯୋଡି ରଖିଛି ।

**ସହାୟକ ଗ୍ରନ୍ଥସୂଚୀ:**

1- ନାୟକ, ବିରଞ୍ଚି : ଗୋଣ୍ଡ ମାନଙ୍କର ମୂଳ ନିବାସ ସ୍ଥଳ ପରିଚୟ, ଝାରସୁଗୁଡା, ପ୍ରଥମ ପ୍ରକାଶ ୨୦୧୮

2- ପଟ୍ଟନାୟକ, ଜିତେନ୍ଦ୍ର :ଡ଼ଙ୍ଗର ଉହାଡ଼େ ଜାହ୍ନ : ଗୋଣ୍ଡ ଜୀବନ ଓ ସଂସ୍କୃତି, କ୍ରିଏସନ, ଟଙ୍କପାଣି ରୋଡ଼, ଭୁବନେଶ୍ୱର, ପ୍ରଥମ ପ୍ରକାଶ ୨୦୧୭

3- ଭୋଇ, ରାଜୀବ ପ୍ରସାଦ : ଭାରତୀୟ ଗୋଣ୍ଡ ଇତିହାସ, ଜ୍ଞାନପୀଠ ଶ୍ରୀପତି ଭବନ, ବଲାଙ୍ଗିର, ପ୍ରଥମ ପ୍ରକାଶ ୨୦୦୪

4- କୁମରେ, ମଶାରାମ : ଗୋଣ୍ଡବଂଶ କା ଇତିହାସ ଏବଂ ସଂସ୍କୃତି, ବିଶ୍ୱଭାରତୀ ପ୍ରକାଶନ, ନାଗପୁର, ୨୦୨୪

5- Mehta,B.H: Gonda of Central Indian Highlands,vol-1,Concept Publishing Company Bali Nagar,New Delhi,1984

■ ■ ■